### ଟ୍ରାକ୍ଟର ଧକ୍କାରେ ଦିବ୍ୟାଙ୍ଗ ମହିଳା ମୃତ

ଆଳି,(ଡି.ଏନ୍.ଏ.): ଆଳି ଥାନା ଅନ୍ତର୍ଗତ ଖଡୋଲ ଗାଁରେ ଜଣେ ମହିଳାଙ୍କ ଉପରେ ଟ୍ରାକ୍ଟର ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଥାନାରେ ମହିଳାଙ୍କ ଭାଇ ଶୁକଦେବ ସୁତାର ଅଭିଯୋଗ କରିଛନ୍ତି ଯେ, ତାଙ୍କ ଦିବ୍ୟାଙ୍ଗ ଭଉଣୀ କୌଶଲ୍ୟା ଅପରାହ୍ନ ସାଢ଼େ ୧ଟାରେ ପୋଖରୀରୁ ଶୌଚହୋଇ ଘରକୁ ଫେରୁଥିଲେ। ଏହି ସମୟରେ ସାହୁପଡ଼ା-ଅଟାଳ ରିଙ୍ଗବନ୍ଧ ରାସ୍ତା ଗଡ଼ାଣିରେ ଆସୁଥିବା ଏକ ଇଟା ବୋଝେଇ ଟ୍ରାକ୍ଟର ତାଙ୍କ ପଛପଟୁ ଆସି ଚଢ଼ିଯାଇଥିଲା। ପରେ ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଟ୍ରାକ୍ଟର ଜବତ କରିବା ସହ ଡ୍ରାଇଭର ବିଶ୍ୱକାନ୍ତ ସାହୁଙ୍କୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

# ନାଉଗାଁରେ ୭୭.୧୧%, ଏରସମାରେ ୮୩.୬% ଭୋଟ

ଜଗତ୍‌ସିଂହପୁର ଅଫିସ, ୨୪।୨

ଜଗତ୍‌ସିଂହପୁର ଜିଲାରେ ୫ମ ଅର୍ଥାତ୍ ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ପର୍ଯ୍ୟାୟରେ ନାଉଗାଁ ବ୍ଲକ ଅଞ୍ଚଳରେ ୭୭.୧୧% ମତଦାନ ହୋଇଛି। ଯେଉଁଥିରେ ବ୍ଲକର ୨ଟି ଜୋନ୍ ମଧ୍ୟରୁ ଗଳଧାରୀ, ଗଜରାଜପୁର ଓ ନୂଆଗାଁ ପଞ୍ଚାୟତରେ ସର୍ବାଧିକ ୮୧% ଓ ତିରୁଣାରେ ସର୍ବନିମ୍ନ ୭୨% ମତଦାନ ସମ୍ଭବ ହୋଇପାରିଛି। ସେହିପରି ଏରସମା ବ୍ଲକରେ ୮୩.୬% ମତଦାନ ହୋଇଛି। ସେମାନଙ୍କ ମଧ୍ୟରେ ମହିଳା ୨୬, ୫୯୪ ଓ ପୁରୁଷ ୨୭, ୮୧୬ ଜଣ ରହିଛନ୍ତି। ଉଭୟ ବ୍ଲକରେ କାଁ ଭାଁ ଉତ୍ତେଜନା ହୋଇଥିଲେ ସୁଦ୍ଧା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ମୋଟ ଉପରେ ଉଭୟ ବ୍ଲକରେ ପାଖାପାଖି ୧୫୬୫ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟ ବାକ୍ସରେ ସିଲ୍ ହୋଇଯାଇଛି। ସେମାନଙ୍କ ମଧ୍ୟରୁ ନାଉଗାଁର ୫୬୪ ଓ ଏରସମାର ୧୦୦୧ଜଣ ରହିଛନ୍ତି। ମତଦାନ ପରେ ନାଉଗାଁ ଓ ଏରସମା ବ୍ଲକ ଅଞ୍ଚଳରୁ ପୋଲିଂ ଦଳଗୁଡିକ ବାଲଟ ବାକ୍ସ ସାଙ୍ଗକୁ ଅନ୍ୟାନ୍ୟ ସାମଗ୍ରୀ ଧରି ଯଥାକ୍ରମେ କଣିପଡ଼ାସ୍ଥିତ ସରକାରୀ ପଲିଟେକନିକ୍ ଓ କୋଠିସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସର ରିସିଭିଂ କେନ୍ଦ୍ରରେ ସୁରକ୍ଷିତ ଭାବେ ପହଞ୍ଚିଯାଇଛନ୍ତି।

ନାଉଗାଁ ବ୍ଲକର ୨ଟି ଜିଲା ପରିଷଦ ଜୋନ୍ ଅନ୍ତର୍ଗତ ୧୬ ପଞ୍ଚାୟତ ପାଇଁ ୨୬୩ ବୁଥ୍ କରାଯାଇଥିଲା। ଏଠାରେ ୭୦,୬୦୪ ଜଣ ଭୋଟରଙ୍କୁ ମତଦାନ ସାବ୍ୟସ୍ତ କରିବା ସୁଯୋଗ ଥିଲା। କିନ୍ତୁ ୫୪,୪୧୦ ଜଣ ଭୋଟ୍ ଦେଇଥିଲେ। ୬ ଜଣ ଜିଲା ପରିଷଦ, ୫୦ ସମିତି ସଭ୍ୟ, ୬୩ ସରପଞ୍ଚ ଓ ୪୪୫ ଜଣ ୱାର୍ଡ ସଭ୍ୟ ପ୍ରାର୍ଥୀ ଥିଲେ। ୭୮୯ ଜଣ ପୋଲିଂ ଅଧିକାରୀ ଓ ୨୬୩ ଜଣ ପୋଲିସ କର୍ମଚାରୀ ନିୟୋଜିତ ହୋଇଥିଲେ। ୫୪ଟି ମହିଳା ବୁଥ୍‌ରେ ୧୬୨ ଜଣ ମହିଳା ପୋଲିଂ ଅଧିକାରୀ ନିର୍ବାଚନ ଦାୟିତ୍ୱରେ ଥିଲେ।

ସେହିପରି ଏରସମା ବ୍ଲକର ୪ଟି ଜିଲା ପରିଷଦ ଜୋନ ଅନ୍ତର୍ଗତ ୨୫ ପଞ୍ଚାୟତ ପାଇଁ ୪୬୧ ବୁଥ୍ ହୋଇଥିଲା। ଏଠାରେ ୧,୧୭,୫୧୪ ଜଣ ଭୋଟର ଥିବାବେଳେ ୯୮,୧୮୯ ଜଣ ମତଦାନ ଅଧିକାର ସାବ୍ୟସ୍ତ କରିଛନ୍ତି । ସେମାନଙ୍କ ମଧ୍ୟରେ ମହିଳା ୪୭,୧୮୯ ଓ ପୁରୁଷ ୫୧,୦୦୦ ରହିଛନ୍ତି। ୧୮ଜଣ ଜିଲା ପରିଷଦ, ୭୯ ସମିତି ସଭ୍ୟ, ୯୫ ସରପଞ୍ଚ ଓ ୮୦୯ ଜଣ ୱାର୍ଡସଭ୍ୟ ପ୍ରାର୍ଥୀ ଥିଲେ। ୧୩୪୩ ଜଣ ପୋଲିଂ କର୍ମଚାରୀ ନିୟୋଜିତ ହୋଇଥିଲେ। ସେମାନଙ୍କମଧ୍ୟରୁ ୭୫ଟି ମହିଳା ବୁଥ ନିମନ୍ତେ ୨୨୫ ଜଣ ମହିଳା କର୍ମଚାରୀ ରହିଥିଲେ। ଏହି ବ୍ଲକର ଢିଙ୍କିଆ ପଞ୍ଚାୟତରେ ସରପଞ୍ଚ ଓ ୱାର୍ଡସଭ୍ୟଙ୍କ କାର୍ଯ୍ୟକାଳ ୨୦୨୪ରେ ସରୁଥିବାରୁ କେବଳ ଜିଲା ପରିଷଦ ଓ ସମିତି ସଭ୍ୟ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏହି ନିର୍ବାଚନ ଉପରେ ପ୍ରତ୍ୟେକଙ୍କ ନଜର ରହିଥିଲା। ସୌଭାଗ୍ୟବଶତଃ ସେଠାରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନାହିଁ। ଢିଙ୍କିଆରେ ୭୪ % ମତଦାନ ସମ୍ଭବ ହୋଇଛି । ଏହି ୨ ବ୍ଲକରେ ୨୪ଜଣ ସେକ୍ଟର ଅଫିସର ନିୟୋଜିତ ହୋଇଥିଲେ ।



ଢିଙ୍କିଆର ଭୋଟରମାନେ ତ୍ରିଲୋଚନପୁର ଅଙ୍ଗନୱାଡି କେନ୍ଦ୍ରରେ ଭୋଟ ଦେଉଛନ୍ତି।


ନାଉଗାଁର ଏକ ବୁଥ୍‌ରେ ଭୋଟ ଦେବା ଲାଗି ଭୋଟରଙ୍କ ଲମ୍ବାଧାଡ଼ି।

**୫ମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ**

- ଗଳଧାରୀ, ଗଜରାଜପୁର, ନୂଆଗାଁରେ ସର୍ବାଧିକ ୮୧%
- ତିରୁଣା ପଞ୍ଚାୟତରେ ସର୍ବନିମ୍ନ ୭୨% ଭୋଟ
- ଢିଙ୍କିଆରେ ଶୃଙ୍ଖଳିତ ମତଦାନ

## ମାତୃଭାଷା ଦିବସ ପାଳିତ

ପାରାଦୀପ,୨୪।୨(ସ୍ୱ.ପ୍ର.): ପିପିଏଲ୍ ଟାଉନଶିପ ପରିସରରେ ଥିବା ଡିଏଭି ସ୍କୁଲରେ ମାତୃଭାଷା ଦିବସ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧକ୍ଷ ସଞ୍ଜୀବ କୁମାର ସାହୁ ଏଥିରେ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ସଂଯୋଜକ ବୃନ୍ଦାବନ ଦାଶ, ରାଜଶ୍ରୀ ମହାପାତ୍ର ପ୍ରମୁଖ ଯୋଗଦେଇ ମାତୃଭାଷାର ମହତ୍ୱ ଉପରେ ଆଲୋକପାତ କରିଥିଲେ।

## ଭିନ୍ନକ୍ଷମ ପାଉନାହାନ୍ତି ହ୍ୱିଲ୍ ଚେୟାର

**ଯାଜପୁର ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ**

ଯାଜପୁର ଅଫିସ,୨୪।୨: ଯାଜପୁର ଜିଲାରେ ଭିନ୍ନକ୍ଷମମାନଙ୍କୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଅଭିଯାନ ଯୋଜନାରେ ହ୍ୱିଲ୍ ଚେୟାର, ଗାଡ଼ି ଆଦି ସୁବିଧା ମିଳି ପାରିନାହିଁ। ଏଭଳି ଦେଖିବାକୁ ମିଳିଛି ଯାଜପୁର ଜିଲା ଦାନଗଦି ବ୍ଲକ କୁମ୍ଭୀରଗଡ଼ିଆ ପଞ୍ଚାୟତ ମାରୁଟିକର ଗ୍ରାମରେ। ସେହି ଗ୍ରାମର ପ୍ରକାଶ ଦଳେଇଙ୍କ ପୁଅ ଗଣେଶ(୧୪) ଜଣେ ଭିନ୍ନକ୍ଷମ। ସେ ବିନା ହ୍ୱିଲ୍ ଚେୟାର କିମ୍ବା ଗାଡ଼ି ସହାୟତାରେ ପ୍ରାୟ ୩ କି.ମି. ଦୂର ହାଇସ୍କୁଲକୁ ୯ମ ଶ୍ରେଣୀ ପାଠ ପଢ଼ିବାକୁ ଯାଉଛନ୍ତି। ପ୍ରକାଶ ଜଣେ ଦିନ ମଜୁରିଆ ହୋଇଥିବାରୁ ହ୍ୱିଲ ଚେୟାର କିଣିବାକୁ ସକ୍ଷମ ନୁହନ୍ତି। ଏ ନେଇ ଅଭିଯୋଗ ହେବା ପରେ ଡିପାର୍ଟମେଣ୍ଟ ଅଫ୍ ସୋସିଆଲ ସିକ୍ୟୁରିଟି ଆଣ୍ଡ ଏମ୍‌ପାୱାରମେଣ୍ଟ ଅଫ୍ ପର୍ସନ ୱିଥ୍ ଡିଜାବିଲିଟି(ଏସ୍ଏସ୍ଇପିଡି) ବିଭାଗର ଅତିରିକ୍ତ ସଚିବ ମଧୁମିତା ନାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ ଯାଜପୁର ଜିଲାପାଳଙ୍କୁ ତୁରନ୍ତ ଏହି ସମ୍ବେଦନଶୀଳ ଘଟଣା ଉପରେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ତାଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇପାରେ ବୋଲି ପରାମର୍ଶ ଦେଇଛନ୍ତି।

## ନିର୍ବାଚନ ପରବର୍ତ୍ତୀ ହିଂସା, ୨ ଆହତ

ଜଗତ୍‌ସିଂହପୁର ଅଫିସ/ଏରସମା, (ଡି.ଏନ.ଏ.)୨୪।୨

ଜଗତସିଂହପୁର ଜିଲା ଏରସମା ଥାନା ଅନ୍ତର୍ଗତ ୨ ପୃଥକ୍ ସ୍ଥାନରେ ଶୁକ୍ରବାର ନିର୍ବାଚନ ପରବର୍ତ୍ତୀ ହିଂସା ଘଟି ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ପଏଦାର ଦୀପକ ଦାସ ଓ ଆମ୍ବିକି ଗାଁର ସରୋଜିନୀ ଦାସ। ଉଭୟଙ୍କୁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି।

ପଏଦା ପଞ୍ଚାୟତସ୍ଥିତ କାଇଥଳ (ଅଳାଫଳ) ଗାଁର କାଇଥଳ ପ୍ରାଥମିକ ବିଦ୍ୟାଳୟ ବୁଥ୍ ନଂ. ୧୬ ଓ ୧୭ରେ ମତଦାନ ସରିଥିଲା। ଦୀପକଙ୍କ ସହ ଅନ୍ୟ ୫ ଜଣ ଭୋଟ ଦେଇ ଘରକୁ ଫେରୁଥିବା ବେଳେ ଆକ୍ରମଣର ଶିକାର ହୋଇଥିଲେ। ଉକ୍ତ ଗ୍ରାମର ୫ ଜଣ ବ୍ୟକ୍ତି କାହିଁକି ଆମ ବିରୋଧରେ ପ୍ରଚାର କରୁଥିଲ କହି ଅତର୍କିତ ଭାବେ ଠେଙ୍ଗାରେ ଆକ୍ରମଣ କରିଥିଲେ। ଦୀପକ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ବ୍ୟବସ୍ଥା କରିଥିଲେ। କିନ୍ତୁ ଆକ୍ରମଣକାରୀମାନେ ଘଟଣାସ୍ଥଳରୁ ଖସି ଯାଇଥିଲେ। ପରେ ଦୀପକ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଆମ୍ବିକି ପଞ୍ଚାୟତସ୍ଥିତ ଆମ୍ବିକି ପ୍ରାଥମିକ ବିଦ୍ୟାଳୟ ୭ନଂ. ବୁଥ୍‌ରେ ମତଦାନ ସରିଥିଲା। ଆମ୍ବିକି ଗ୍ରାମର ବିଚିତ୍ର ଦାସଙ୍କ ସ୍ତ୍ରୀ ସରୋଜିନୀ ଭୋଟ ଦେଇ ଘରକୁ ଫେରୁଥିବା ବେଳେ ଅନୁରୂପ ଆକ୍ରମଣର ଶିକାର ହୋଇଥିଲେ। ଜଣେ ୱାର୍ଡ ସଭ୍ୟ ପ୍ରାର୍ଥିନୀଙ୍କ ପୁଅ ଉତ୍ତେଜିତ ହୋଇ ସରୋଜିନୀଙ୍କୁ ମାଡ ମାରିଥିବା ମଧ୍ୟ ସେ ଥାନାରେ ଅଭିଯୋଗ କରିଛନ୍ତି। ଉଭୟ ଏତଲା ଉପରେ ଖବର ଲେଖାହେଲାବେଳକୁ କୌଣସି ମାମଲା ରୁଜୁ ହୋଇନାହିଁ। ତଦନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ଭାବଗ୍ରାହୀ ରାଉତ ସୂଚନା ଦେଇଛନ୍ତି।


ଆହତ ଦୀପକ ଦାସ।

## ଆଳି ବ୍ଲକରେ ୩ ଦିନରେ ହେବ ଭୋଟ ଗଣତି

ଆଳି,୨୪।୨(ଡି.ଏନ୍.ଏ.)

ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ଭୋଟ କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକରେ ଗତ ୧୬ ତାରିଖରୁ ଶେଷ ହୋଇଯାଇଛି। ଚଳିତ ନିର୍ବାଚନରେ ବ୍ଲକର ମୋଟ ୧୧୬୪ ପ୍ରାର୍ଥୀ ନିର୍ବାଚନ ଲଢ଼ିଛନ୍ତି। ବ୍ଲକର ୧, ୨, ୩ ଓ ୪ ନଂ. ଜିଲା ପରିଷଦ ଜୋନ୍ ଅଧୀନରେ ୧୪ ଜଣ ପ୍ରାର୍ଥୀ ନିର୍ବାଚନ ଲଢିଥିବା ବେଳେ ୧୫୧ ଜଣ ସରପଞ୍ଚ ପ୍ରାର୍ଥୀ, ୧୨୩ ଜଣ ସମିତିସଭ୍ୟ ପ୍ରାର୍ଥୀ ଓ ୮୯୦ ୱାର୍ଡମେମ୍ବର ପ୍ରାର୍ଥୀ ନିର୍ବାଚନ ପରେ ହାର୍‌ଜିତର ଅଙ୍କ କଷିବାରେ ଲାଗିଛନ୍ତି। ପୂର୍ବରୁ ଭୋଟ ପରେ ସଙ୍ଗେସଙ୍ଗେ ଗଣତି କରାଯାଇ ଫଳ ପ୍ରକାଶ ପାଉଥିଲା। ଚଳିତ ଥର ନୂତନ ନିୟମ ଅନୁଯାୟୀ ସମସ୍ତ ପର୍ଯ୍ୟାୟ ନିର୍ବାଚନ ପରେ ବ୍ଲକ କାର୍ଯ୍ୟାଳୟରେ ଭୋଟ ଗଣତି କରାଯିବ। ଏଥିପାଇଁ ଆଳି ହାଇସ୍କୁଲରେ ଷ୍ଟ୍ରଙ୍ଗ୍‌ରୁମ୍ କରାଯାଇ କଡ଼ା ସୁରକ୍ଷା ମଧ୍ୟରେ ଭୋଟ ବାକ୍ସଗୁଡିକୁ ରଖାଯାଇଛି। ଆସନ୍ତା ୨୬, ୨୭ ଓ ୨୮ ତାରିଖ ୩ ଦିନରେ ଭୋଟ ଗଣତି ହେବ। ୨୬ ତାରିଖରେ ୧ନଂ. ଜୋନ୍‌ର ଜିଲା ପରିଷଦ, ଜୋନ୍ ଅଧୀନରେ ଥିବା ସରପଞ୍ଚ, ସମିତିସଭ୍ୟ, ୱାର୍ଡସଭ୍ୟଙ୍କ ଭୋଟ ଗଣତି ହେବ। ୨୭ ତାରିଖରେ ୨ ନଂ. ଜୋନ୍ ଓ ୨୮ ତାରିଖରେ ୩ ନଂ. ଓ ୪ ନଂ. ଜୋନ୍‌ର ଭୋଟ ଗଣାଯାଇ ଫଳାଫଳ ଘୋଷଣା କରାଯିବ। ପ୍ରତିଦିନ ୧୦ଟି ଟେବୁଲରେ ଏହି ଗଣତି ପ୍ରକ୍ରିୟା କରାଯିବା ସହ ପ୍ରତି ଟେବୁଲରେ ୪ ଜଣ ଲେଖାଏ କର୍ମଚାରୀ ୪ଟି ପଦ ପାଇଁ ଗଣତି କରିବେ। ୧, ୨, ୪ ନଂ. ଜୋନ୍ ପାଇଁ ଇନ୍‌ଚାର୍ଜ ଭାବେ ଏସ୍‌ଆରଏ ପ୍ରସନ୍ନ ସାହୁ ଓ ୩ ନଂ. ଜୋନ୍ ପାଇଁ ଏମ୍‌ଆଇ ରବୀନ୍ଦ୍ର ବେହେରା ଇନ୍‌ଚାର୍ଜ ଭାବେ ଦାୟିତ୍ୱ ତୁଲାଇବେ ବୋଲି ଆଳି ବିଡିଓ ତଥା ନିର୍ବାଚନ ଅଧିକାରୀ ଦ୍ୱିବେନ୍ଦୁ ଦାସ ସୂଚନା ଦେଇଛନ୍ତି।

### ପ୍ରଥମ ପୃଷ୍ଠାରୁ... ଡାକ୍ତରାଣୀଙ୍କୁ ବିବାହ କରି...

ବିବାହ ତାରିଖ ଘୁଞ୍ଚିଥିଲା। ୨୦୨୧ ମେ ୩୧ରେ ରମେଶ ତାଙ୍କୁ ଭୁବନେଶ୍ୱରର ଏକ ହୋଟେଲରେ ବିବାହ କରିଥିଲେ। ବିବାହ ସମୟରେ ରମେଶଙ୍କ ଭିଣୋଇ ଗଣେଶ୍ୱର, ଭଉଣୀ ରଶ୍ମିତା ଓ ଡ୍ରାଇଭର ପପୁ ମଧ୍ୟ ଥିଲେ। ଏହାପରେ ସେ ତାଙ୍କ ଡେବିଟ୍ କାର୍ଡ ନେଇ ୨୩ ଲକ୍ଷ ଟଙ୍କା ଉଠାଇ ନେଇଥିଲେ। ତେବେ ପରବର୍ତ୍ତୀ ସମୟରେ ଏମ୍‌ସରେ ଚାକିରି କରେଇଦେବାକୁ କହି ରମେଶ ତାଙ୍କର ଜଣେ କର୍ମଚାରୀଙ୍କଠାରୁ ୧୦ ଲକ୍ଷ ମଧ୍ୟ ଠକି ନେଇଥିଲେ।

ଅନ୍ୟପକ୍ଷରେ ରମେଶ ଖଣ୍ଡଗିରି ଅଞ୍ଚଳରେ ରହୁଥିବା ଆପାର୍ଟମେଣ୍ଟର ମାଲିକ ମଧ୍ୟ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ରମେଶ ଭୁଲ୍ ତଥ୍ୟ ଦେଇ ସେଠାରେ ରହିଥିଲେ ବୋଲି ସେ ପୋଲିସ ନିକଟରେ କହିଛନ୍ତି। ତେବେ ଠକେଇର ତାଲିକା ବଢ଼ୁଥିବାରୁ ଆଗକୁ ରମେଶଙ୍କ କାରନାମାର ଆହୁରି ଗୁମର ଖୋଲିବାକୁ ୩ ଦିନିଆ ରିମାଣ୍ଡରେ ଜେରା କରିବ। ଏଥିସହ ବିଭିନ୍ନ ଦିଗକୁ ନେଇ ତଦନ୍ତ କରି ଏକ ବଳିଷ୍ଠ ଚାର୍ଜଶିଟ୍ ପ୍ରସ୍ତୁତ କରିବାକୁ କମିଶନରେଟ ପୋଲିସ ଆଶା ରଖିଛି।

ଏନେଇ ଡିସିପି ଉମାଶଙ୍କର ଦାଶ କହିଛନ୍ତି, ରମେଶଙ୍କ ମାମଲାର ତଦନ୍ତ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ୨ଟି ମହିଳା ଟିମ୍ ଗଠନ ହେବ। ସେଥିରେ ମହିଳା ପୋଲିସଙ୍କ ସମେତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, କାଉନ୍‌ସେଲର, ଆଇନ୍ ପରାମର୍ଶଦାତା ରହିବେ। ୨ ମାସରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଟିମ୍ ତଦନ୍ତ କରି ଏହି ମାମଲାରେ ଅଧିକ ତଥ୍ୟ ହାସଲ କରିବ।

ସୂଚନାଯୋଗ୍ୟ, ଅଭିଯୁକ୍ତ ରମେଶ ବିଭିନ୍ନ ମାଟ୍ରିମୋନିଆଲ ଓ ସୋସିଆଲ୍ ସାଇଟ୍‌ରୁ ଉଚ୍ଚଶିକ୍ଷିତା ମହିଳାଙ୍କୁ ଫସାଇ ବିବାହ କରୁଥିଲେ। ପରବର୍ତ୍ତୀ ସମୟରେ ଟଙ୍କା, ସୁନା ଓ ସମ୍ପତ୍ତି ଲୁଟୁଥିଲେ। ତାଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇଥିବା ଦିଲ୍ଲୀର ଜଣେ ମହିଳା ଗତବର୍ଷ ଜୁଲାଇରେ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିଥିଲେ। ତଦନ୍ତରୁ ରମେଶଙ୍କ କଳାକାରନାମା ପଦାକୁ ଆସିଥିଲା। ଏଥିସହ ଚାକିରି ଓ ଡାକ୍ତରୀ ପାଠରେ ନାମଲେଖା ପାଇଁ ବହୁ ଲକ୍ଷ ଟଙ୍କା ଠକେଇ କରିଥିବା ମଧ୍ୟ ଅଭିଯୋଗ ହୋଇଥିଲା।

### ପଞ୍ଚାୟତ ନିର୍ବାଚନ ...

ଅନୁରୂପ ଭାବେ ୨୭ରେ ଦ୍ୱିତୀୟ ଜୋନ୍, ୨୮ରେ ତୃତୀୟ ଏବଂ ଚତୁର୍ଥ ଜୋନ୍‌ରେ ଭୋଟ ଗଣତି ହେବ। ଗଣତି କେନ୍ଦ୍ରରେ କୌଣସି ପ୍ରକାରର ବିଶୃଙ୍ଖଳାକୁ ସହ୍ୟ କରାଯିବ ନାହିଁ ବୋଲି ନିର୍ବାଚନ କମିଶନର କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି।

ରାଜ୍ୟରେ ଫେବୃୟାରୀ ୧୬ରୁ ୫ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଛି। ମୋଟ ୬ ହଜାର ୭୯୪ ପଞ୍ଚାୟତରେ ଥିବା ୯୧ ହଜାର ୯୧୩ ୱାର୍ଡରେ ମତଦାନ ପାଇଁ ବ୍ୟବସ୍ଥା ହୋଇଥିଲା। ଏଥିଲାଗି ୯୧ ହଜାର ୯୧୩ ବୁଥ୍‌ରେ ପ୍ରସ୍ତୁତ କରାଯାଇଥିଲା। ସେଥିରୁ ୧୩ ହଜାର ୭୮୫ ମତଦାନ କେନ୍ଦ୍ରକୁ ରାଜ୍ୟ ନିର୍ବାଚନ କମିଶନର ଉତ୍ତେଜନାପ୍ରବଣ ଘୋଷଣା କରିଥିଲେ। ଚଳିତ ନିର୍ବାଚନରେ ମତଦାନ ହାର ଉତ୍ସାହଜନକ ରହିଛି। ପ୍ରଥମ ପର୍ଯ୍ୟାୟରେ ୭୭.୨%, ଦ୍ୱିତୀୟ ପର୍ଯ୍ୟାୟରେ ୭୮.୩%, ତୃତୀୟ ପର୍ଯ୍ୟାୟରେ ୭୮.୬%, ଚତୁର୍ଥ ପର୍ଯ୍ୟାୟରେ ୭୯% ମତଦାନ ରେକର୍ଡ କରାଯାଇଛି। ପ୍ରଥମ ଦୁଇଟି ପର୍ଯ୍ୟାୟରେ ହିଂସା ଓ ଅନ୍ୟାନ୍ୟ କାରଣରୁ ବାଧାପ୍ରାପ୍ତ ହୋଇଥିବା ବୁଥରେ ସାନି ମତଦାନ ଫେବୃୟାରୀ ୨୩ରେ ଶେଷ ହୋଇଛି। ଅନୁରୂପ ଭାବେ ୩ୟ ପର୍ଯ୍ୟାୟରେ ୩୦ ବୁଥ୍‌ରେ ସାନି ମତଦାନ ଲାଗି ଜିଲାପାଳମାନେ ପ୍ରସ୍ତାବ ଦେଇଛନ୍ତି। ଆସନ୍ତା ୨୫ ତାରିଖ (ଶୁକ୍ରବାର)ରେ ଉକ୍ତ ୩୦ ବୁଥ୍‌ରେ ସାନି ମତଦାନ ହେବ ବୋଲି ଜଣାପଡ଼ିଛି। ଚତୁର୍ଥ ଓ ପଞ୍ଚମ ପର୍ଯ୍ୟାୟରେ ବାତିଲ ହୋଇଥିବା ବୁଥ୍‌ରେ ସାନି ମତଦାନ ଲାଗି ତାରିଖ ଘୋଷଣା ବାକି ରହିଛି।

### ବିରିୟାନୀ ପାଇଁ ଆତ୍ମହତ୍ୟା ...

ମୃତଦେହକୁ ଘରକୁ ଅଣାଯାଇଥିଲା। ଖବରପାଇ ଗୁରୁବାର ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତାଙ୍କ ଘରକୁ ଯାଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପରେ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ବାପା ମନୋରଞ୍ଜନ ଏକ କମ୍ପାନୀରେ ସିକ୍ୟୁରିଟି ଗାର୍ଡ଼ ଭାବେ କାର୍ଯ୍ୟ କରନ୍ତି।

### ପଞ୍ଚମ ପର୍ଯ୍ୟାୟରେ ...

ୱାର୍ଡ ମେମ୍ବର, ୧୨୬ ସରପଞ୍ଚ, ୩୨୬ ପଞ୍ଚାୟତ ସମିତି ସଦସ୍ୟ ଏବଂ ଜଣେ ଜିଲା ପରିଷଦ ସଭ୍ୟ ବିନା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହୋଇଛନ୍ତି। ତେବେ ଅନ୍ୟ ପଦବୀଗୁଡ଼ିକ ପାଇଁ ପ୍ରାୟ ୨ ଲକ୍ଷ ୨୦ ହଜାର ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଚଳିତ ନିର୍ବାଚନରେ ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହ ମତଦାନ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ନିର୍ବାଚନ କମିଶନର କହିଛନ୍ତି।

## ଭୋଟ ଦେବା ପୂର୍ବରୁ ଭୋଟରଙ୍କ ଜୀବନ ଗଲା

**ଭୋଜିଭାତ ହେଲା କାଳ**

ମହାକାଳପଡ଼ା, ୨୪।୨(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ପେଟଛେଲା ପଞ୍ଚାୟତ ଲୁଣିମାଠିଆ ଶବରପଡ଼ା ଗାଁରେ ବୁଧବାର ବିଳମ୍ବିତ ରାତିରେ ଭୋଟ ଦେବା ପୂର୍ବରୁ ଜଣେ ଯୁବ ଭୋଟରଙ୍କ ମୃତ୍ୟୁ ଘଟିଛି। ବୁଧବାର ରାତିରେ ଏକ ରାଜନୈତିକ ଦଳ ପକ୍ଷରୁ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଭୋଜିଭାତ ଓ ମଦ୍ୟପାନର ଆୟୋଜନ କରାଯାଇଥିଲା ବୋଲି ମୃତ ରଞ୍ଜିତ ମାଝି(୪୫)ଙ୍କ ସ୍ତ୍ରୀ ଗେଡ଼ି ଭକ୍ତା କହିଛନ୍ତି। ଗେଡ଼ିଙ୍କ କହିବା କଥା, ଭୋଜିରେ ଖାଇବା ସହ ରଞ୍ଜିତ ପ୍ରଚୁର ମଦ୍ୟପାନ କରି ବିଳମ୍ବିତ ରାତିରେ ଘରେ ପହଞ୍ଚିଥିଲେ। ରାତିରେ ରଞ୍ଜିତଙ୍କ ପ୍ରବଳ ଯନ୍ତ୍ରଣା ହେବାରୁ ପଡ଼ୋଶୀଙ୍କୁ ଡାକି ଡାକ୍ତରଖାନା ନେବା ପାଇଁ ଉଦ୍ୟମ କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଏହାକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ରିପୋର୍ଟ ଲେଖାହେଲା ବେଳକୁ ଜମ୍ବୁ ସାମୁଦ୍ରିକ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।


ମୃତ ରଞ୍ଜିତ ମାଝିଙ୍କ ସ୍ତ୍ରୀ ଘର ଆଗରେ ବସିଛନ୍ତି ।

## ସ୍କର୍ପିଓ ଧକ୍କାରେ ଜଣେ ମୃତ, ୩ ଗୁରୁତର

କୁଜଙ୍ଗ,୨୪।୨(ଡି.ଏନ.ଏ.)

ଏରସମା ବ୍ଲକ କୁଜଙ୍ଗ ଥାନା ବାମଦେଇପୁର ପଞ୍ଚାୟତ ଦାମକା ଗାଁରେ ବୁଧବାର ବିଳମ୍ବିତ ରାତିରେ ସ୍କର୍ପିଓ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ଦମକା ଗ୍ରାମର ଦେବେଶ ମହାନ୍ତି(୪୮)। ଆହତମାନେ ହେଲେ ଉକ୍ତ ଗ୍ରାମର ସୁରଜ ବିଶ୍ୱାଳ, ହେମନ୍ତ ମହାପାତ୍ର, ମନ୍ମଥ ମହାନ୍ତି। ଦେବେଶ ଓ ଅନ୍ୟମାନେ ଗାଁ ଦାଣ୍ଡରେ ଚାଲିଚାଲି ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ସ୍କର୍ପିଓ ସେମାନଙ୍କୁ ଧକ୍କା ଦେଇଥିଲା। ଖବରପାଇ ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ହୋଇଥିବା ଦେବେଶଙ୍କୁ ୧୦୮ ଆମ୍ବୁଲାନ୍ସରେ ପ୍ରଥମେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣାପରେ ଗାଡ଼ି ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଦେବେଶ ନୂଆଗାଁସ୍ଥିତ କୁଞ୍ଜବିହାରୀ ଉଚ୍ଚ ବିଦ୍ୟାଳୟରେ କିରାଣି ଭାବେ କାର୍ଯ୍ୟରତ ଥିଲେ।

## ଡେରାବିଶରେ ଶନିବାର ଭୋଟ ଗଣତି ହେବ

ଡେରାବିଶ, ୨୪।୨(ସ୍ୱ.ପ୍ର.)

ଡେରାବିଶ ବ୍ଲକରେ ପଞ୍ଚାୟତ ନିର୍ବାଚନ ଗତ ୧୬ ତାରିଖରେ ଶେଷ ହୋଇଥିବା ବେଳେ ଆସନ୍ତା ଶନିବାରଠାରୁ ୩ଦିନ ଭୋଟ ଗଣତି ହେବ। ଦିନକୁ ଗୋଟିଏ କରି ଜୋନ ସହ ସରପଞ୍ଚ, ସମିତିସଭ୍ୟ, ୱାର୍ଡମେମ୍ବର ପ୍ରାର୍ଥୀଙ୍କ ଭୋଟ ଗଣା ଯିବା ପରେ ଯାଇ ଫଳାଫଳ ଘୋଷଣା କରାଯିବ ବୋଲି ବ୍ଲକ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ବିଡିଓ ଗୋପବନ୍ଧୁ ଭୋସାଗର ସୂଚନା ଦେଇଛନ୍ତି।

## ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଜୋନ୍ ଅନୁଯାୟୀ ଗଣତି

- ନାଉଗାଁ, ବିରିଡ଼ି ଓ ରଘୁନାଥପୁର ବ୍ଲକରେ ଆଗୁଆ ସରିବ

ଜଗତ୍‌ସିଂହପୁର ଅଫିସ, ୨୪।୨

ପୂର୍ବରୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବୁଥସ୍ତରରେ ଗଣତି ହେଉଥିବାବେଳେ ଚଳିତବର୍ଷ ପ୍ରଥମ ଥର ପାଇଁ ବ୍ଲକସ୍ତରରେ ଭୋଟ ଗଣତି ହେବ। ଆସନ୍ତା ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଜିଲା ପରିଷଦ ଜୋନ୍ ଅନୁଯାୟୀ ଗଣତି କରାଯିବ। ୨୬ ତାରିଖରେ ଜିଲାର ୮ଟି ବ୍ଲକର ୧ନଂ. ଜୋନ, ୨୭ରେ ୨ନଂ. ଓ ୨୮ରେ ଯଥାକ୍ରମେ ୩ ଓ ୪ନଂ. ଜୋନ ଅନୁଯାୟୀ ଗଣତି ହେବ। ନାଉଗାଁ, ବିରିଡ଼ି ଓ ରଘୁନାଥପୁର ବ୍ଲକର ୨ଟି ଲେଖାଏଁ ଜୋନ୍ ଥିବାରୁ ଗଣତି ୨୭ ତାରିଖରେ ସରିଯିବ। ଅବଶିଷ୍ଟ ବ୍ଲକରେ ୪ଟି ଲେଖାଏଁ ଜୋନ୍ ଥିବାରୁ ୨୮ ତାରିଖରେ ଗଣତି ପରେ ଫଳ ପ୍ରକାଶ ପାଇବ। ପଞ୍ଚାୟତ ଅନୁଯାୟୀ ଗୋଟିଏ ହିସାବରେ ଟେବୁଲ ରହିବ। ପ୍ରତି ଟେବୁଲରେ ଜଣେ କାଉଣ୍ଟିଂ ସୁପରଭାଇଜର, ୨ଜଣ କାଉଣ୍ଟିଂ ସହାୟକ ଓ ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ରହିବେ। ଓଡ଼ିଆ ବର୍ଣ୍ଣମାଳା ଅନୁଯାୟୀ ସ୍ଥିରୀକୃତ ଟେବୁଲ ପଞ୍ଚାୟତଗୁଡିକୁ ଦିଆଯିବ। କେଉଁ ଟେବୁଲରେ କେଉଁ ପଞ୍ଚାୟତର ଗଣତି ହେବ ତାହା ଲଟେରି ମାଧ୍ୟମରେ ସ୍ଥିର ହେବ। ପ୍ରଥମେ ୱାର୍ଡ ମେମ୍ବର ଓ ପରେ ସରପଞ୍ଚ, ସମିତି ସଭ୍ୟ ଓ ଶେଷରେ ଜିଲା ପରିଷଦ ସଭ୍ୟ ପ୍ରାର୍ଥୀଙ୍କ ଗଣତି ହେବ। ଯେଉଁ ପଦବୀ ଗଣତି ସରିବ ବିଜେତାଙ୍କ ନାମ ଘୋଷଣା କରାଯିବ। ଗଣତିର ଭିଡିଓ ଗ୍ରାଫି ସହ ସିସିଟିଭି ବ୍ୟବସ୍ଥା କରାଯିବ। ଜଗତ୍‌ସିଂହପୁର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ପାରୁଲ ପଟାୱରୀ ଜିଲାର ବରିଷ୍ଠ ଅଧିକାରୀମାନଙ୍କୁ ବିଭିନ୍ନ କାଉଣ୍ଟିଂ ହଲର ସୁପରିଚାଳନା ଦାୟିତ୍ୱ ପ୍ରଦାନ କରିଛନ୍ତି।

# ମହାକାଳପଡ଼ାରେ ୭୯.୬ ପ୍ରତିଶତ ଭୋଟ

**ସରିଲା ଶେଷ ପର୍ଯ୍ୟାୟ ମତଦାନ**

**ବାରଡାଙ୍ଗ, ଜମ୍ବୁରେ ସାମାନ୍ୟ ଉତ୍ତେଜନା**

କେନ୍ଦ୍ରାପଡ଼ା ଅଫିସ/ମହାକାଳପଡ଼ା, ୨୪।୨ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲାରେ ଶେଷ ତଥା ପଞ୍ଚମ ପର୍ଯ୍ୟାୟ ମତଦାନ ଗୁରୁବାର ସରିଛି। ଏହି ପର୍ଯ୍ୟାୟରେ ମହାକାଳପଡ଼ା ବ୍ଲକର ୫ଟି ଜୋନ ଅଞ୍ଚଳରେ ନିର୍ବାଚନ ହୋଇଥିଲା। ବାରଡାଙ୍ଗ ଓ ଜମ୍ବୁରେ ବ୍ଲକ ଅଞ୍ଚଳର ଅଳ୍ପ କେତୋଟି ସ୍ଥାନରେ ରାଜନୈତିକ ଉତ୍ତେଜନା ସୃଷ୍ଟି ହୋଇଥିଲେ ମଧ୍ୟ ଭୋଟ ସଂଗ୍ରହ ଚାଲୁ ରହିଥିଲା। ଶେଷ ମତଦାନ ପର୍ଯ୍ୟାୟରେ ୭୯.୬ ପ୍ରତିଶତ ଭୋଟ ସଂଗ୍ରହ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ମୋଟ ଭୋଟରଙ୍କ ସଂଖ୍ୟା ୧,୬୬,୨୭୦। ଚଳିତ ନିର୍ବାଚନରେ ବ୍ଲକର ୪୭୪ ବୁଥ୍‌ରେ ୧,୩୨,୪୨୧ ଭୋଟର ଗଣତାନ୍ତ୍ରିକ ଅଧିକାର ସିଦ୍ଧ କରିଛନ୍ତି। ଏଥିମଧ୍ୟରୁ ୬୭,୧୬୯ ପୁରୁଷ ଓ ୬୫,୨୫୨ ମହିଳା ଅଛନ୍ତି। ବ୍ଲକର ୧୯ ନଂ. ଜୋନରେ ମିଳିଥିବା ମୋଟ ୨୮,୪୯୫ ଭୋଟ ମଧ୍ୟରୁ ୧୪,୧୯୫ ପୁରୁଷ ଓ ୧୪,୩୦୦ ମହିଳା ଭୋଟ ଦେଇଥିଲେ। ସେହିପରି ୨୦ ନଂ. ଜୋନରେ ମୋଟ ୨୧,୭୫୭ ଭୋଟରଙ୍କ ମଧ୍ୟରୁ ୧୧,୦୪୬ ପୁରୁଷ ଓ ୧୦,୭୧୧ ମହିଳା, ୨୧ ନଂ. ଜୋନରେ ମୋଟ ୨୭,୦୯୯ ଭୋଟରଙ୍କ ମଧ୍ୟରୁ ୧୪,୦୦୮ ପୁରୁଷ ଓ ୧୩,୦୯୧ ମହିଳା, ୨୨ ନଂ. ଜୋନରେ ମୋଟ ୨୭,୩୬୦ ଭୋଟରଙ୍କ ମଧ୍ୟରୁ ୧୩,୫୭୯ ପୁରୁଷ ଓ ୧୩,୭୮୧ ମହିଳା ଓ ୨୩ ନଂ. ଜୋନରେ ମୋଟ ୨୭,୭୧୦ ଭୋଟରଙ୍କ ମଧ୍ୟରୁ ୧୪,୩୪୧ ପୁରୁଷ ଓ ୧୩,୩୬୯ ମହିଳା ଭୋଟ ଦେଇଥିଲେ। ନିର୍ବାଚନ ପ୍ରକ୍ରିୟା ଶାନ୍ତି ଶୃଙ୍ଖଳାରେ ସରିଥିବା ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ନିର୍ବାଚନ କମିଶନରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି।

ବ୍ଲକର ବାରଡ଼ାଙ୍ଗ ପଞ୍ଚାୟତର ୧୨ ନଂ. ବୁଥ୍‌ରୁ ଭୋଟ ସାରି ଭୋଟ ବାକ୍ସ ଧରି ପୋଲିଂ ପାର୍ଟି, ସୁରକ୍ଷା କର୍ମୀ ଗାଡ଼ି ସହ ସ୍ଥାନୀୟ ବାୟାବବା କଲେଜ ପରିସର ଥିବା ଷ୍ଟ୍ରଙ୍ଗ୍‌ରୁମ୍‌କୁ ଏସ୍‌କୋର୍ଟ କରି ନେଉଥିଲେ। ଏହି ସମୟରେ ବାରଡାଙ୍ଗ ଗାଁ ମଝିରେ କେତେଜଣ ଲୋକ ଭୋଟ ବାକ୍ସ ନେଇ ଯାଉଥିବା ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ପୋଲିସ ଉତ୍ୟକ୍ତ ଯୁବକଙ୍କୁ ଘଉଡ଼ାଇବାକୁ ମୃଦୁ ଲାଠି ଚାଳନା କରିଥିଲା। ପରେ କଡ଼ା ସୁରକ୍ଷା ମଧ୍ୟରେ ଭୋଟ ବାକ୍ସକୁ କଲେଜ ପରିସରରେ ହୋଇଥିବା ଷ୍ଟ୍ରଙ୍ଗ୍‌ରୁମ୍‌କୁ ନେଇଥିଲେ। କିଛି ସମୟ ପରେ ଏହି ଘଟଣାକୁ ନେଇ କଲେଜ ପରିସରରେ ଉତ୍ତେଜନା ଲାଗି ରହିଥିଲା। ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଷ୍ଟ୍ରଙ୍ଗ୍‌ରୁମ୍‌ରେ ୧୦ଟି ସିସିଟିଭି ଲାଗିଛି। ଏହି ଷ୍ଟ୍ରଙ୍ଗ୍‌ରୁମ୍‌କୁ ଜିଲା ପ୍ରଶାସନ ପକ୍ଷରୁ ମାଜିଷ୍ଟ୍ରେଟ , ପୋଲିସ ତଦାରଖ କରୁଛନ୍ତି ବୋଲି କୁହାଯାଇଛି। ଜିଲାପାଳ ଅମ୍ରିତ ଋତୁରାଜ ଓ ଏସ୍‌ପି ମଡକର ସନ୍ଦୀପ ସମ୍ପଦ ପହଞ୍ଚି ଷ୍ଟ୍ରଙ୍ଗ୍‌ରୁମ୍ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ରାତି ସୁଦ୍ଧା ସମସ୍ତ ବୁଥ୍‌ରୁ ଭୋଟ ବାକ୍ସ ଆସି ଷ୍ଟ୍ରଙ୍ଗ୍‌ରୁମ୍‌ରେ ପହଞ୍ଚିଥିବା ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି।


ମହିଳାମାନେ ଭୋଟ ଦେବାକୁ ଧାଡ଼ିରେ ଠିଆହୋଇଛନ୍ତି।


ବୟାବାବା କଲେଜରେ ଭୋଟ ବାକ୍ସଗୁଡ଼ିକୁ ଅଧିକାରୀମାନେ ଗ୍ରହଣ କରୁଛନ୍ତି।

## ସଂକ୍ଷେପରେ

### ଆସିକା ବ୍ଲକ : ୬୨.୦୮% ମତଦାନ

**ଆସିକା,୨୪।୨(ଡି.ଏନ୍.ଏ.):** ଆସିକା ବ୍ଲକର ୪ ଜିଲାପରିଷଦ ଜୋନ ଓ ୨୭ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡମେମ୍ବର ଲାଗି ଗୁରୁବାର ୪୦୨ଟି ବୁଥରେ ଶୃଙ୍ଖଳାର ସହ ମତଦାନ ହୋଇଛି। ବ୍ଲକରେ ମୋଟ ୬୨.୦୮% ମତଦାତା ସେମାନଙ୍କ ମତ ସାବ୍ୟସ୍ତ କରିଥିବା ସୂଚନା ମିଳିଛି। ସମୁଦାୟ ୧ଲକ୍ଷ ୨୭ ହଜାର ୬୫୫ ମତଦାତାଙ୍କ ମଧ୍ୟରୁ ୭୯ ହଜାର ୨୫୪ ମତଦାତା ମତଦାନ କରିଥିବା ବ୍ଲକ ନିର୍ବାଚନ ଅଧିକାରୀ ତଥା ଆସିକା ବିଡିଓ ରୋସନ ଶତପଥୀ ସୂଚନା ଦେଇଛନ୍ତି। ମତଦାନକୁ ଶୃଙ୍ଖଳିତ କରିବା ନିମନ୍ତେ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଗଞ୍ଜାମ ଏସପି ବ୍ରିଜେଶ ରଏ ଆସିକା ବ୍ଲକର ବିଭିନ୍ନ ବୁଥ ବୁଲି ଆଇନଶୃଙ୍ଖଳା ପରିସ୍ଥିତ ତଦାରଖ କରିଥିଲେ। ବ୍ଲକର ମଣ୍ଟାପଡା ଓ ସିଦ୍ଧନୟୀ ବୁଥରେ ପରସ୍ପର ବିରୋଧୀ ଗୋଷ୍ଠୀ ମଧ୍ୟରେ ସାମାନ୍ୟ ଉତ୍ତେଜନା ଦେଖାଦେଇଥିବା ବେଳେ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା।

### ଦାରିଙ୍ଗବାଡ଼ିରେ କୁଆପଥର ସହ ପ୍ରବଳ ବର୍ଷା

**ଦାରିଙ୍ଗବାଡ଼ି,୨୪।୨(ଡି.ଏନ.ଏ):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଗୁରୁବାର କୁଆପଥର ସହ ପ୍ରବଳ ବର୍ଷା ହୋଇଥିଲା। ଫଳରେ କିଛି ସମୟ ପାଇଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ହଠାତ୍ ପାଗ ମେଘୁଆ ହେବାସହ କୁଆପଥର ବର୍ଷା ଓ ବଜ୍ରପାତ ହୋଇଥିଲା। ଏଥିଯୋଗୁ ବିଦ୍ୟୁତ ସେବା ବ୍ୟାହତ ହୋଇଥିଲା। ଖବର ଲେଖାଯିବା ସୁଦ୍ଧା ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇପାରିନାହିଁ।

### ବନ୍ଦ ଘରୁ କଳାକନା ବୁଲାଇଲେ ଦୁର୍ବୃତ୍ତ

**ଗୋପାଳପୁର,୨୪।୨(ଡି.ଏନ.ଏ.):** ଦିନକୁ ଦିନ ବ୍ରହ୍ମପୁର ପୋଲିସ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଚୋରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ଗ୍ରାମର ଏକ ବନ୍ଦ ରହିଥିବା ଘରୁ ଦୁର୍ବୃତ୍ତମାନେ କଳାକନା ବୁଲାଇଥିବା ଜଣାପଡ଼ିଛି। ଏନେଇ ଗୋପାଳପୁର ଥାନାରେ ଗୁରୁବାର ଅଭିଯୋଗ ହୋଇଛି। ଖବର ଅନୁସାରେ ଏହି ଥାନା ଅନ୍ତର୍ଗତ ଆମ୍ବପୁଆ ବୀମା ନଗର ୫ମ ଲେନ୍‌ରେ ରହୁଥିବା ପି.ଶ୍ରୀନୁ ପରିବାର ସହ ଗତ ଦୁଇଦିନ ତଳେ ପୁରୀ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ବୁଧବାର ମଧ୍ୟରାତ୍ରରେ ଗ୍ରୀଲ ତାଡ଼ି ଘରୁ ୫ ତୋଳା ସୁନା ଅଳଙ୍କାର, ୧୫ ହଜାର ଟଙ୍କା, ମୂଲ୍ୟବାନ କାଗଜପତ୍ର ଓ ଅନ୍ୟ ସାମଗ୍ରୀ ଚୋରି କରି ନେଇଯାଇଥିଲେ। ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକ ଜାଣିବା ପରେ ଶ୍ରୀନୁଙ୍କୁ ଖବର ଦେଇଥିଲେ। ଗୁରୁବାର ଶ୍ରୀନୁ ଘରକୁ ଫେରି ଦେଖିବା ବେଳେ ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏନେଇ ସନ୍ଧ୍ୟାରେ ଥାନାରେ ଅଭିଯୋଗ କରିଥିଲେ। ନଂ. ୩୫/୨୨ରେ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିବା ଥାନାଧିକାରୀ ଶ୍ରୀକାନ୍ତ ଖମାରୀ ସୂଚନା ଦେଇଛନ୍ତି।

### ହାତଗୋଡ଼ ବାନ୍ଧି ଯୁବକଙ୍କୁ ହତ୍ୟା

**ପାରଳାଖେମୁଣ୍ଡି/ ଆର୍. ଉଦୟଗିରି, ୨୪।୨(ଡି.ଏନ୍.ଏ.):** ଗଜପତି ଜିଲା ମୋହନା ଥାନା ଅଞ୍ଚଳରେ ଗୁରୁବାର ଜଣେ ଅପରିଚିତ ଯୁବକଙ୍କୁ ହତ୍ୟା କରାଯାଇଛି। ଦୁର୍ବୃତ୍ତମାନେ ଯୁବକଙ୍କ ହାତକୁ ପ୍ୟାଣ୍ଟ ବେଲ୍ଟରେ, ଦୁଇ ଗୋଡ଼କୁ ଜୋତା ଫିତା ଓ ମୁହଁକୁ କପଡାରେ ବାନ୍ଧି ନିର୍ମମ ଭାବେ ହତ୍ୟା କରି ଚନ୍ଦ୍ରଗିରି-ଅନ୍ତର୍ବା ରାସ୍ତାର ଜଗନ୍ନାଥପୁର ଛକ ନିକଟରୁ ୫୦୦ମିଟର ଦୂର ଏକ ମକାବାଡ଼ରେ ପକାଇଛନ୍ତି। କେହିଜଣେ ତଳେ ମୁହଁମାଡି ପଡିରହିଥିବା ସ୍ଥାନୀୟ ଲୋକେ ଦେଖି ଚନ୍ଦ୍ରଗିରି ଫାଣ୍ଡିକୁ ଖବର ଦେଇଥିଲେ। ସାଇଣ୍ଟିଫିକ ଟିମ ତଦନ୍ତ ପରେ ଅଧିକ ତଥ୍ୟ ମିଳିବ ବୋଲି ଥାନା ଅଧିକାରୀ କହିଛନ୍ତି।

### ବୁଗୁଡ଼ା ଠାକୁରାଣୀ ଯାତ୍ରା କମିଟି ବୈଠକ
### ଚଳିତ ବର୍ଷ ଠାକୁରାଣୀ ଯାତ୍ରା ସ୍ଥଗିତ

**ବୁଗୁଡ଼ା,୨୪।୨(ଡି.ଏନ.ଏ.):** ସ୍ଥାନୀୟ ବଳଦେବ ସ୍ୱାମୀ ମନ୍ଦିର ପରିସରରେ ବୁଗୁଡ଼ା ଠାକୁରାଣୀ ଯାତ୍ରା କମିଟିର ଏକ ସାଧାରଣ ବୈଠକ କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀ ନାରାୟଣ ଦାଶଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଏପ୍ରିଲରେ ପୌର ନିର୍ବାଚନ ହେବାକୁ ଥିବାରୁ ପଞ୍ଚ ଠାକୁରାଣୀ ଯାତ୍ରାକୁ ଚଳିତ ବର୍ଷ ସ୍ଥଗିତ ରଖାଯାଇ ଆସନ୍ତା ବର୍ଷ କରିବା ପାଇଁ ସର୍ବସମ୍ମତି ପ୍ରକାଶ ପାଇଥିଲା। ୨୦୨୩ ଫେବୃୟାରୀରେ ଯାତ୍ରା କରିବା ପାଇଁ ପ୍ରସ୍ତାବ ଆସିଥିବାରୁ ୨୦୨୩ ଜାନୁୟାରୀରେ ବୈଠକ କରାଯାଇ ନିଷ୍ପତ୍ତି ନେବାକୁ ଆଲୋଚନା ହୋଇଥିଲା।

# ସହର ତାଲିକାରେ ଗାଁ ଭୋଟରଙ୍କ ନାମ

**ନୟାଗଡ଼ ଅଫିସ,୨୪।୨**

### ଭୋଟର ତାଲିକା ପ୍ରସ୍ତୁତିରେ ସ୍ୱଚ୍ଛତା ନେଇ ଉଠିଲା ପ୍ରଶ୍ନ

ନୟାଗଡ଼ ମ୍ୟୁନିସିପାଲିଟିର ଡ୍ରାଫ୍ଟ ଭୋଟର ତାଲିକାରେ ଚଞ୍ଚକତା କରାଯାଇଥିବା ଅଭିଯୋଗ ହୋଇଛି। ଏଥିରେ ୨ହଜାର ଭୋଟରଙ୍କ ନାମ ଗାଁ ଓ ସହରରେ ରହିବା, ପୁଣି ଚଞ୍ଚକତା କରାଯାଇ ନୂଆ ୮୬୮ ଭୋଟରଙ୍କ ନାମ ନୟାଗଡ଼ ପୌରାଞ୍ଚଳ ତାଲିକାରେ ସାମିଲ କରାଯିବା ପରେ ପୌର ନିର୍ବାଚନର ସ୍ୱଚ୍ଛତା ଉପରେ ପ୍ରଶ୍ନଚିହ୍ନ ଲାଗିଛି। ଏହି ଭୋଟର ତାଲିକାକୁ ବାତିଲ କରାଯାଇ ନୂଆ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରକାଶ କରା ନ ଗଲେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି।

୨୦୨୨ଜାନୁୟାରୀ ୫ରେ ପ୍ରକାଶିତ ଭୋଟର ତାଲିକାରେ ସିନ୍ଦୁରିଆର ରିହାନି ବିବି, ନିରୁଦ୍ଦିନ ଖାଁ, କୁମୁରୁଦ୍ଦିନଖାଁ, କେନ୍ଦୁଡ଼ିପିର ଛାୟାରାଣୀ ଦଳବେହେରା, ଅଶୋକ ଦଳବେହେରା, ଇଟିରିର ରଜତ ପଟ୍ଟନାୟକଙ୍କ ପରି ନୟାଗଡ଼ ବ୍ଲକର ବିଭିନ୍ନ ଗାଁର ୨ ହଜାର ଭୋଟରଙ୍କ ନାମ ନୟାଗଡ଼ ମ୍ୟୁନିପାଲିଟି ଭୋଟର ତାଲିକାରେ ରହିଛି। ଏହି ଭୋଟରମାନେ ପଞ୍ଚାୟତ ନିର୍ବାଚନରେ ଭୋଟ ଦେଇ ସାରିଛନ୍ତି। ସେମାନଙ୍କୁ ବାଦ୍ ନ ଦେଲେ ପୁଣି ନୟାଗଡ଼ ମ୍ୟୁନିସିପାଲିଟି ନିର୍ବାଚନ ବେଳେ ଭୋଟ ଦେବେ। ଗତ କିଛି ବର୍ଷ ହେଲା ଏପରି କେତେଜଣ ଭୋଟର ସହର ଓ ଗାଁରେ ଭୋଟ ଦେଇ ଆସୁଛନ୍ତି। ଏନେଇ ବିଭିନ୍ନ ସମୟରେ ଜିଲାପାଳ,ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ପରେ ବି ସୁଫଳ ମିଳୁନାହିଁ। ସେହିପରି ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ୭୭ରୁ ୯୨ପର୍ଯ୍ୟନ୍ତ୧୬ ବୁଥ୍‌ରେ ୧୭ ହଜାର ୩୫୯ ଭୋଟର ଅଛନ୍ତି। ସମ୍ପୃକ୍ତ ୧୬ ୱାର୍ଡର ଭୋଟରଙ୍କୁ ନେଇ ନୟାଗଡ଼ ମ୍ୟୁନିସିପାଲିଟି ୨୦୨୨ଫେବୃୟାରୀ ୧୦ରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ କରିଛି। ତେବେ ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ୧୬ଟି ୱାର୍ଡର ଭୋଟରଙ୍କଠାରୁ ନୟାଗଡ଼ ମ୍ୟୁନିସିପାଲିଟିର ଭୋଟର ତାଲିକାରେ ୮୬୮ ଭୋଟର ଅଧିକ ଅଛନ୍ତି। ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟର ତାଲିକାରେ ୧୭ ହଜାର ୩୫୯ ଭୋଟର ଥିବାବେଳେ ମ୍ୟୁନିସିପାଲିଟିର ଡ୍ରାଫ୍ଟ ଭୋଟର ତାଲିକାରେ ୧୮ ହଜାର୨୨୭ ରହିଛି। ଏଥିରେ ବି ଚଞ୍ଚକତା କରାଯାଇଥିବା ଅଭିଯୋଗ ହେଉଛି।

**୩୦୦ରୁ ଉର୍ଦ୍ଧ୍ୱ ଭୋଟରଙ୍କୁ ଅଣଦେଖା:** ନୟାଗଡ଼ ମ୍ୟୁନିସିପାଲିଟିର ୧୧ନଂ. ୱାର୍ଡରେ ୨୦୦ପରିବାର ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଭୋଟରଙ୍କ ନାମ ନାହିଁ। ଏହି ପରିବାର ମ୍ୟୁନିସିପାଲିଟିରେ ହୋଲ୍ଡିଂଟିକସ ଦେଇ ଆସୁଛନ୍ତି। ତେବେ ଏତେସଂଖ୍ୟକ ଭୋଟରଙ୍କୁ ଜାଣି ଶୁଣି କଟାଯାଇଛି ନାଁ ଭୁଲବଶତଃ ସେମାନଙ୍କ ନାଁ ଭୋଟର ତାଲିକାରେ ନାହିଁ ତଦନ୍ତ ସାପେକ୍ଷ। ବାଦ୍‌ପଡିଥିବା ଭୋଟରଙ୍କ ନାମ ଭୋଟର ତାଲିକାରେ ସାମିଲ କରିବାକୁ ଦାବି ହେଉଛି।

### ନିର୍ବାଚନ କମିଶନରଙ୍କୁ କଂଗ୍ରେସର ଫେରାଦ

ଏ ସଂକ୍ରାନ୍ତରେ ନୟାଗଡ଼ ଜିଲା କଂଗ୍ରେସ ରାଜ୍ୟ ନିର୍ବାଚନ କମିଶନରଙ୍କୁ ସ୍ମାରକପତ୍ର ଦେଇଛି। ଏନେଇ କଂଗ୍ରେସର ଜିଲା ସଭାପତି ରଣଜିତ୍ ଦାଶ କୁହନ୍ତି, ଭୋଟର ତାଲିକା ସଂଶୋଧନ ନେଇ ରାଜ୍ୟ ନିର୍ବାଚନ କମିଶନରଙ୍କୁ ଅବଗତ କରାଯାଇଛି। ସ୍ୱଚ୍ଛ ଓ ଅବାଧ ପୌର ନିର୍ବାଚନ ପାଇଁ ଏହାର ସଂଶୋଧନ ନିହାତି ଦରକାର। ଯେଉଁମାନଙ୍କ ନାମ ଗାଁ ସହରରେ ରହିଛି ସେମାନଙ୍କୁ ଚିହ୍ନଟ କରି ଗୋଟିଏ ସ୍ଥାନରେ ରଖାଯାଉ। ବାଦ୍ ପଡିଥିବା ୧୧ ନଂ. ୱାର୍ଡର ଭୋଟରଙ୍କୁ ଭୋଟର ତାଲିକାରେ ସାମିଲ କରାଯାଉ। ଅନ୍ୟପକ୍ଷେ ଦାଶ କହିଛନ୍ତି ମ୍ୟୁନିସିପାଲିଟିରେ ନୟାଗଡ଼ ବ୍ଲକ୍ ସିନ୍ଦୁରିଆ ପଞ୍ଚାୟତର ରତନପୁର, ବେବର୍ତ୍ତାପଲୀ ଓ ସିନ୍ଦୁରିଆ ପଶ୍ଚିମ ପାର୍ଶ୍ୱରୁ ନୟାଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଅଂଶକୁ ମିଶ୍ରଣ କରାଯାଇଛି। ତେବେ ଏଠାକାର ଅଞ୍ଚଳକୁ ବିଧାନସଭା ଭୋଟର ତାଲିକାରେ ସାମିଲ କରାଯାଇ ପାରିଥାନ୍ତା। ସେମାନଙ୍କୁ ବିଧାନସଭା ଭୋଟର ତାଲିକାରେ ସାମିଲ କରା ନ ଯାଇ ମ୍ୟୁନିସିପାଲିଟିର ଡ୍ରାଫ୍ଟ ଭୋଟର ତାଲିକାରେ ସାମିଲ କରାଯିବା ଆଇନ ବିରୋଧି। ରାଜ୍ୟନିର୍ବାଚନ କମିଶନରଙ୍କ ନିୟମ ଅନୁସାରେ ନୟାଗଡ଼ ବିଧାନସଭାର ୧୬ଟି ବୁଥ୍‌ର ଭୋଟରଙ୍କ ସଂଖ୍ୟା ମ୍ୟୁନିସିପାଲିଟିର ଭୋଟର ତାଲିକା ସହ ସମାନ ରହିବା ପାଇଁ ନିୟମ ରହିଛି। ହେଲେ ଏଥିରେ ଚଞ୍ଚକତା ହୋଇଥିବାରୁ ଜିଲାପାଳ ଓ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଯାଇଥିଲା।

# ଜିଲା ପ୍ରଶାସନ ପାଖରେ ତଥ୍ୟ ନାହିଁ
## ଭୟ ଓ ଚିନ୍ତାରେ ପରିବାର

**ବ୍ରହ୍ମପୁର ଅଫିସ,୨୪।୨**

ରୁଷିଆ ଓ ୟୁକ୍ରେନ ମଧ୍ୟରେ ଆରମ୍ଭ ହୋଇଛି ଯୁଦ୍ଧ। ୟୁକ୍ରେନରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ଫେବୃୟାରୀ ୧୫ରୁ ଭାରତୀୟ ନାଗରିକଙ୍କୁ ୟୁକ୍ରେନ ଛାଡ଼ି ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ ନେଇ ନିର୍ଦ୍ଦେଶ ମିଳି ସାରିଥିଲା। କିନ୍ତୁ ବର୍ତ୍ତମାନ ମଧ୍ୟ ୟୁକ୍ରେନରେ ବହୁ ନାଗରିକ ଓ ଛାତ୍ରୀଛାତ୍ର ଫସି ରହିଛନ୍ତି। ବ୍ରହ୍ମପୁର ସହରର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ମେଡିକାଲ ଓ ଇଞ୍ଜିନିୟରିଂ ଛାତ୍ରୀଛାତ୍ର ୟୁକ୍ରେନର ରାଜଧାନୀ କିଓ୍ୱ ଓ ଖାରକିଓ୍ୱ ସହରରେ ଫସିଥିବା ନେଇ ଫେବୃୟାରୀ ୧୬ରେ ୟୁକ୍ରେନରୁ ବ୍ରହ୍ମପୁର ଫେରିଥିବା ଏମ୍‌ବିବିଏସ୍ ଛାତ୍ର ଅସିତ ମିଶ୍ରଙ୍କଠାରୁ ଜଣାପଡ଼ିଛି। ସେହପରି ବର୍ତ୍ତମାନ ସେଠାରେ ଫସି ଥିବା ନାଗରିକ ତଥା ଛାତ୍ରୀଛାତ୍ରଙ୍କ ସହ ଯୋଗାଯୋଗ ନିମନ୍ତେ ସାମାଜିକ ଗଣମାଧ୍ୟମ ଏକମାତ୍ର ମାଧ୍ୟମ ହୋଇଛି। ୟୁକ୍ରେନରେ ଥିବା ଅନ୍ୟ କିଛି ବ୍ରହ୍ମପୁର ଛାତ୍ରୀଛାତ୍ର ତଥା ସେମାନଙ୍କ ପରିବାରଙ୍କ ସହ ସିଧାସଳଖ ଯୋଗାଯୋଗ ବେଳେ ବ୍ରହ୍ମପୁର ବିଜୟବିହାର ବାସିନ୍ଦା ଉମାକାନ୍ତ ମହାପାତ୍ରଙ୍କ ଝିଅ ଲିପିଙ୍କ ସମେତ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଭାରତୀୟ ଆଜି କିଓ୍ୱସ୍ଥିତ ଦୂତାବାସରେ ଆଶ୍ରୟ ନେଇଥିବା ଲିପିଙ୍କଠାରୁ ପ୍ରକାଶ। ଗୁରୁବାର ଲିପି ଓ ଅନ୍ୟମାନେ ଭାରତ ପ୍ରତ୍ୟାବର୍ତ୍ତନ ପୂର୍ବରୁ ରୁଷ ସେନା ଆକ୍ରମଣ ଯୋଗୁ କିଓ୍ୱରେ ନୋ ଫ୍ଲାଇଂ ଜୋନ୍ ଘୋଷଣା ହୋଇଥିଲା। ସେବେଠାରୁ ଭାରତୀୟ ଦୂତାବାସ ସମସ୍ତ ଯାତ୍ରୀଙ୍କ ସୁରକ୍ଷା ଦାୟିତ୍ୱ ନେଇଛି। ଏପଟେ ପରିବାର ବର୍ଗ ଲିପିଙ୍କ ଫେରିବା ବାଟକୁ ଚାହିଁ ରହିଛନ୍ତି। ସେହିପରି ଅନ୍ୟ ଦୁଇ ଛାତ୍ର ଡି.ଆଦର୍ଶ ପାତ୍ର ଓ ବିଶ୍ୱମ୍ଭର ବାଡ଼ତ୍ୟା ବୁଧବାରଠାରୁ କିଓ୍ୱ ଛାଡ଼ିଥିବା ନେଇ ସେମାନଙ୍କ ପରିବାରବର୍ଗଙ୍କଠାରୁ ପ୍ରକାଶ। କିଓ୍ୱ ଛାଡ଼ିବା ପରେ ବର୍ତ୍ତମାନ ପରିବାର ବର୍ଗ ଆଶ୍ୱସ୍ତ ଥିବା ଜଣାପଡିଛି। ଏହି ଦୁଇ ଛାତ୍ର ଶୁକ୍ରବାର ତୁର୍କୀ ଏୟାରଲାଇନ୍ସ ଜରିଆରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ ଏବଂ ଅପରାହ୍ନ ୫ଟା ସୁଦ୍ଧା ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ ବୋଲି ସୂଚନା ମିଳିଛି। ତେବେ ୟୁକ୍ରେନରେ ଗଞ୍ଜାମ ଜିଲାର କେତେ ନାଗରିକ ଓ ଛାତ୍ରୀଛାତ୍ର ଫସି ରହିଛନ୍ତି ଏ ସମ୍ପର୍କରେ ଜାଣିବା ଲାଗି ଜିଲାପାଳଙ୍କ ସହ ଯୋଗାଯୋଗ ବେଳେ ଅଦ୍ୟାବଧି ତାଙ୍କ ପାଖରେ ତଥ୍ୟ ନ ଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ୟୁକ୍ରେନରେ କେତେ ଫସି ରହିଛନ୍ତି ସେମାନଙ୍କ ତଥ୍ୟ ସଂଗ୍ରହ ନିମନ୍ତେ ୨୩ ତହସିଲଦାରଙ୍କୁ ଯଥାଶୀଘ୍ର ବିବରଣୀ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ପଦା ହେଲାଣି ମୟୂରଝାଲିଆ କାଜୁ ଜଙ୍ଗଲ



ଖଣିରୁ ଜବତ ହୋଇଥିବା ମୋରମ ବୋଝେଇ ହାଇୱା।

**ନୟାଗଡ଼ ଅଫିସ/ରଣପୁର, ୨୪।୨(ସ୍ୱ.ପ୍ର.)**

- ବେଆଇନ ମାଙ୍କଡ଼ ପଥର,ମୋରମ ଚାଲାଣ
- ଦେଢ଼ ବର୍ଷରେ କଟିଲାଣି୧୦ ହଜାରରୁ ଉର୍ଦ୍ଧ୍ୱ ଗଛ
- ଚାରଣ ଭୂମି କମୁଛି

କାଜୁ ନିଗମ ଅଧୀନରେ ଥିବା ନୟାଗଡ଼ ଜିଲା ରଣପୁର ତହସିଲ ମୟୁରଝାଲିଆ ଗାଁରେ ଗୋଚର ଓ କାଜୁ ଜଙ୍ଗଲରୁ ବେଆଇନ ଭାବେ ମାଙ୍କଡା ପଥର ଓ ମୋରମ ଖନନ ଚାଲିଛି। ପ୍ରାୟ ଦେଢ଼ ବର୍ଷ ଭିତରେ କାଜୁ ଜଙ୍ଗଲରୁ ପ୍ରାୟ୧୦ ହଜାର ଗଛ କଟା ସରିଲାଣି। ଅନ୍ୟପକ୍ଷେ ଚାରଣ ଭୂମି କମିବାରେ ଲାଗିଛି। ବେଆଇନ ଖଣି ନେଇ ବିଭିନ୍ନ ସମୟରେ ଅଭିଯୋଗ ଓ ପ୍ରତିବାଦ ସତ୍ତ୍ୱେ ଚଢ଼ାଉ ନାହିଁ। ବରଂ ଖଣିଚୋରମାନଙ୍କୁ ସୁରକ୍ଷା ଦିଆଯାଉଛି ବୋଲି ଅଭିଯୋଗ ରହିଛି। ଏନେଇ ଜଙ୍କିଆ ବାସିନ୍ଦା କାଜୁ ନିଗମ ଖୋର୍ଦ୍ଧା ଓ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ ମୟୁରଝାଲିଆ ମୌଜାରେ ଖାତା ନଂ. ୪୯୫ ପ୍ଲଟ ନଂ. ୧୬୮୯ରେ ଗ୍ରାମ୍ୟ ଜଙ୍ଗଲ କିସମରେ ୧୪୪ ଏକରରେ ରହିଛି କାଜୁ ଜଙ୍ଗଲ। ୫୦ ବର୍ଷ ତଳେ ଉପରୋକ୍ତ ଜମିରେ କାଜୁ ନିଗମ ପକ୍ଷରୁ ସ୍ଥାନୀୟ ଲୋକଙ୍କ ସହାୟତାରେ କାଜୁ ଚାରା ରୋପଣ ହୋଇଥିଲା। ପ୍ରାୟ ୩୦ ହଜାରରୁ ଉର୍ଦ୍ଧ୍ୱ କାଜୁ ଗଛ ରହିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଜଙ୍କିଆ ଗ୍ରାମବାସୀ ଏହି କାଜୁ ଜଙ୍ଗଲକୁ ନିଲାମ ନେଉଥିଲେ। କାଜୁ ନିଗମ ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବାବେଳେ ଗାଁ ଲୋକ ମଧ୍ୟ ଭଲ ଦୁଇ ପଇସା ପାଇ ଗୁଜୁରାଣ ମେଣ୍ଟାଉଥିଲେ। ଏବେ ପ୍ରାୟ ଦେଢ଼ ବର୍ଷ ହେଲା କାଜୁ ଜଙ୍ଗଲ ନିଲାମ ହୋଇ ନାହିଁ। କେତେଜଣ ଖଣି ଚୋର କାଜୁ ଜଙ୍ଗଲକୁ ଅକ୍ତିଆରକୁ ନେଇ ବେଆଇନ ଭାବେ ମାଙ୍କଡା ପଥର ଖନନ କରୁଛନ୍ତି। ପୁଣି ମୋରମ ଖନନ କରୁଛନ୍ତି। ପ୍ରତ୍ୟହ ଖଣି ଖନନ ଚାଲିଛି। ଏନେଇ ଜଙ୍କିଆର ବସନ୍ତ ପରିଡ଼ା କୁହନ୍ତି, କାଜୁ ଜଙ୍ଗଲରେ ୨୫ରୁ ୩୦ ଫୁଟ ଗର୍ତ୍ତ ହୋଇ ସାରିଲାଣି। ଏଥିରେ ଗୃହପାଳିତ ପ୍ରାଣୀ ସହ ମଣିଷ ପଡି ପ୍ରାଣ ହରାଉଛନ୍ତି। ବାଲି ଫିଲିଂ କରାଯାଉ ନ ଥିବାରୁ ଭୂମିକମ୍ପର ଭୟ ରହିଛି। ସେହିପରି ଧିରେ ଧିରେ ଚାରଣ ଭୂମି କମୁଛି। ଗାଈଗୋରୁ ଚରିବା ପାଇଁ ଆଉ ଚାରଣ ଭୂଇଁ ନାହିଁ। ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯିବା ଦରକାର ବୋଲି ସେ ମତବ୍ୟକ୍ତ କିରଛନ୍ତି।

**୭ ହାଇୱା, ୧୪ପାୱାରଟିଲର ଜବତ**

ଚାନ୍ଦପୁର ଥାନାଠାରୁ ୮ କି.ମି. ଦୂରରେ ଥିବା ମୟୁରଝାଲିଆ କାଜୁ ଜଙ୍ଗଲ ଉପରେ ରାଜସ୍ୱ ବିଭାଗ ପକ୍ଷରୁ ବୁଧବାର ରାତିରେ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ୭ ହାଇୱା, ୧୪ ପାୱାଲଟିଲର, ୧ ହିତାଜି ମେଶିନ ଜବତ ହୋଇଛି। ଚଢ଼ାଉରେ ପୋଲିସ ସାମିଲ ଥିଲେ। ଗାଁ ଲୋକଙ୍କ ଅଭିଯୋଗ କ୍ରମେ ଚଢ଼ାଉ ହୋଇଥିବା ଅତିରିକ୍ତ ତହସିଲଦାର ଅବିନାଶ ମାହାର କରିଛନ୍ତି।

### ଶେଷ ପର୍ଯ୍ୟାୟ ଭୋଟ, ୮୩.୧୨ପ୍ରତିଶତ ମତଦାନ

**ନୟାଗଡ଼ ଅଫିସ,୨୪।୨**

ନୟାଗଡ଼ ଜିଲା ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ୨ ବ୍ଲକ ଖଣ୍ଡପଡ଼ା ଓ ଭାପୁରରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶେଷ ହୋଇଛି। ୮୩.୧୨ ପ୍ରତିଶତ ମତଦାନ ହୋଇଛି। ଖଣ୍ଡପଡ଼ା ବ୍ଲକରେ ୫,୬ ଓ ୭ ନଂ. ୩ ଜିଲାପରିଷଦ ଜୋନ୍‌ର ୨୨ପଞ୍ଚାୟତରେ ୮୦ ପ୍ରତିଶତ ମତଦାନ ହୋଇଛି। ସେହିପରି ଭାପୁର ବ୍ଲକରେ ୧୮,୧୯ ଓ ୨୦ ଆଦି ୩ଟି ଜୋନର ୨୦ ପଞ୍ଚାୟତରେ ୮୬.୩୪ ପ୍ରତିଶତ ମତଦାନ ହୋଇଛି। ଜିଲାପାଳ ପୋମା ଟୁଡୁ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ,ଉପଜିଲାପାଳ ଲଗ୍ନଜିତ ରାଉତ, ସାଧାରଣ ପର୍ଯ୍ୟବେକ୍ଷକ ଭରତ ଚନ୍ଦ୍ର ବେହେରା,ଜିଲା ପଞ୍ଚାୟତ ଅଧିକାରୀ ମନୋରଞ୍ଜନ ମହାନ୍ତି , ୨ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଭିନ୍ନ ବୁଥ୍ ପରିଦର୍ଶନ କରି କରିଛନ୍ତି। ଖଣ୍ଡପଡ଼ା ବ୍ଲକର ସମସ୍ତ ଭୋଟ ବାକ୍ସ ଗୁଡ଼ିକ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ହୋଇଥିବା ଷ୍ଟ୍ରଙ୍ଗ୍ ରୁମରେ ଏବଂ ଭାପୁର ବ୍ଲକର ବାଲୁଙ୍କେଶ୍ୱର ବିଦ୍ୟାପୀଠରେ ହୋଇଥିବା ଷ୍ଟ୍ରଙ୍ଗ୍ ରୁମରେ ସମସ୍ତ ଭୋଟ ବାକ୍ସଗୁଡ଼ିକ ରଖାଯାଇଛି। ଆସନ୍ତା ୨୬,୨୭ ଏବଂ୨୮ତାରିଖରେ ଭୋଟ ଗଣତି ହେବ। ଭୋଟ ଗଣତି ପର୍ଯ୍ୟନ୍ତ ସେଠାରେ ୨୪ଘଣ୍ଟା ପୋଲିସ ପହରା ବ୍ୟବସ୍ଥା କରାଯାଇଛି। କଣ୍ଟିଲୋ ହରିସୁବନ୍ଧି ପାଟଣାରେ ମତଦାନ ପରେ ରାଜନୈତିକ ହିଂସାକାଣ୍ଡ ଘଟିଥିବା ଜଣାପଡିଛି। ମତଦାନରେ ନିର୍ଦ୍ଦିଷ୍ଟ ଏକ ଦଳକୁ ଭୋଟ ନ ଦେବାରୁ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇଛି। ଏଥିରେ ଜଣେ ଆତ ହୋଇ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଗାଁରେ ଉତ୍ତେଜନା ଲାଗି ରହିଛି। ଉଭୟଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

### ଫାଷ୍ଟଫୁଡ଼ ଦୋକାନୀଙ୍କୁ ଆକ୍ରମଣ

**ପୋଲସରା,୨୪।୨(ଡି.ଏନ.ଏ.)**

ପୋଲସରା ଥାନା ନିକଟ ନରସିଂହପଲ୍ଲୀଠାରେ ଥିବା ଏକ ଫାଷ୍ଟ ଫୁଡ଼ ଦୋକାନର ମାଲିକ ଚିରିକିପଡା ଶାସନ ଗ୍ରାମର ପୂର୍ଣ୍ଣ ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ପୂର୍ଣ୍ଣ ବୁଧବାର ରାତିରେ ଦୋକାନ ବନ୍ଦ କରି ଫେରୁଥିବା ବେଳେ ୩/୪ଜଣ ଯୁବକ ତାଙ୍କୁ ଧାରୁଆ ଅସ୍ତ୍ର ଓ ଭଙ୍ଗା କାଚ ବୋତଲରେ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡ, ବେକ ଓ ହାତରେ ଗଭୀର ଆଘାତ ଲାଗିଥିଲା।

# ହତ୍ୟାର ୩ ଦିନ ପରେ ପୋଲିସ ହାତ ଖାଲି

**ନୟାଗଡ଼ ଅଫିସ/ରଣପୁର ୨୪।୨(ସ୍ୱ.ପ୍ର.)**

### ଚାନ୍ଦପୁର ଥାନା ଘେରାଉ ଚେତାବନୀ

ନିର୍ବାଚନୀ ପରବର୍ତ୍ତୀ ହିଂସା ଘଟଣାରେ ନୟାଗଡ଼ ଜିଲା ଚାନ୍ଦପୁର ଥାନା ରାଜଜଙ୍କିଆ ଗାଁରେ ଘଟିଥିବା ବିବେକାନନ୍ଦ ରଣବିଜୁଳି(୨୪) ହତ୍ୟାକାଣ୍ଡକୁ ୪ଦିନ ବିତିଯିବାକୁ ବସିଛି। ହେଲେ ଚାପରେ ଚାପିହୋଇ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ ବୋଲି ଅଭିଯୋଗ ହୋଇଛି। ଅଭିଯୁକ୍ତମାନଙ୍କ ପ୍ରତି ପୋଲିସର ଅନୁକମ୍ପାକୁ ସ୍ଥାନୀୟ ଲୋକେ ବିରୋଧ କରି ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

ମୃତକଙ୍କ ବାପା ପବିତ୍ର ମୋହନ ରଣବିରଙ୍କ ଅଭିଯୋଗ ଅନୁସାରେ ସାନ ପୁଅ ବିବେକାନନ୍ଦ ଦିଲ୍ଲୀରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ପଞ୍ଚାୟତ ନିର୍ବାଚନରେ ଭୋଟ ଦେବାକୁ ସେ ଗତ ୧୬ରେ ଗାଁକୁ ଆସିଥିଲେ। ୧୮ରେ ଭୋଟ ଦେଇଥିଲେ। ୨୩ରେ ଦିଲ୍ଲୀ ଫେରିବାର ଥିଲା। ତେବେ ଗତ ୧୮ ତାରିଖରେ ଭୋଟ ଶେଷ ପରେ ପ୍ରିଜାଇଡିଂ ଅଫିସର ଓ ସହକର୍ମୀମାନେ ଭୋଟବାକ୍ସ ନେଇ ବସ୍‌ରେ ଯାଇଥିଲେ। ସେହି ସମୟରେ ବସ ପଛରେ ପୁଅ ଷ୍ଟ୍ରଙ୍ଗରୁମ୍ ପର୍ଯ୍ୟନ୍ତ ଯାଇଥିଲେ। ଏହାପରେ ବିବେକାନନ୍ଦଙ୍କୁ ଶାସକ ଦଳର କେତେଜଣ ଆଞ୍ଚଳିକ ନେତା ଓ ସମର୍ଥକ ଧମକଚମକ ଦେଇଥିଲେ। ବିବେକାନନ୍ଦ ଏନେଇ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ କହି ଦେଇଥିଲେ। ଗତ ୨୧ ତାରିଖ ଅପରାହ୍ନରେ ଗାଁର ଡିଗି ପୋଖରୀକୁ ସେ ଗାଧୋଇବାକୁ ଯାଇଥିଲେ। ମା ଫୋନ କରିବାରୁ ପୋଖରୀ ନିକଟରେ କେତେଜଣ ସାଙ୍ଗଙ୍କ ସହ କଥା ହେଉଛି ବୋଲି କରିବା ସହ ଅଳ୍ପ ସମୟ ପରେ ଘରକୁ ଯାଉଛି ବୋଲି କହିଥିଲେ। ଏହାପରେ ଅପରାହ୍ନ ୫ଟାରୁ ତାଙ୍କ ଫୋନ୍ ସୁଇଚ୍ ଅଫ୍ ହୋଇ ଯାଇଥିଲା। ଖଣି ମାଲିକଙ୍କଠାରୁ ଖବର ପାଇ ପୋଲିସ ୨୨ ତାରିଖରେ ଗଛରୁ ଝୁଲନ୍ତା ଅବସ୍ଥାରେ ବିବେକାନନ୍ଦଙ୍କ ମୃତଦେହ ଜବତ କରିଥିଲା। ମୃତଦେହ ଝୁଲୁଥିବା ସ୍ଥାନର ସ୍ଥିତିକୁ ଅନୁଧ୍ୟାନ କଲେ ତାଙ୍କୁ ହତ୍ୟାକରାଯାଇଥିବା ସ୍ପଷ୍ଟ ହୋଇଥିଲା। ପ୍ରଥମତଃ ପୁଅକୁ ଚକ୍ରାନ୍ତକରି ଡାକି ନେଇ ଥିଲେ। ପରେ ଗାମୁଛାରେ ତଣ୍ଟିକୁ ଚିପି ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ। ପ୍ରମାଣ ଲୁଚାଇବା ପାଇଁ ପୁଅ ଗାମୁଛାରେ ବେକକୁ ବାନ୍ଧି ଆକାଶିଆ ଗଛରେ ଝୁଲାଇ ଦେଇଥିଲେ। ଏହି ଘଟଣାରେ ଜଣେ ସରପଞ୍ଚ ପ୍ରାର୍ଥୀ ଓ ଶାସକ ଦଳ ଲୋକଙ୍କ ହାତ ଥିବାରୁ ପୋଲିସ ଅନୁକମ୍ପା ପ୍ରଥମରୁ ଦେଖାଇ ଆସୁଛି। ଏଣୁ ପୋଲିସ ବିରୋଧରେ ଖୁବ ଶୀଘ୍ର ଆନ୍ଦୋଳନ ହେବ ବୋଲି ସେ କହିଛନ୍ତି।

**ସରପଞ୍ଚ ପ୍ରାର୍ଥୀଙ୍କ ସମେତ ୧୭ଜଣଙ୍କ ନାଁରେ ମାମଲା**

ବିବେକାନନ୍ଦ ହତ୍ୟା ଘଟଣାରେ ଚାନ୍ଦପୁର ଥାନା ପୋଲିସ ଚମ୍ପାଗଡ଼ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଶ୍ରୀକୃଷ୍ଣପୁର ଗାଁର ପିୟୁସ ରଞ୍ଜନ ପରିଡା,ସୁଶାନ୍ତ କୁମାର ବରାଡ଼ଙ୍କ ସମେତ ରାଜଜଙ୍କିଆର କାଳୁ ଚରଣ ପ୍ରଧାନ, ଧନେଶ୍ୱର ପ୍ରଧାନ, କୃଷ୍ଣବଳରାମ ପ୍ରଧାନ, ପ୍ରଦୀପ କୁମାର ମାଝି, ପୂର୍ଣ୍ଣସାଗର ମାଝି, ବିଶ୍ୱ ରଞ୍ଜନ ପ୍ରଧାନ, ପ୍ରଭାକର ପରିଡା, ଦୀପକ କୁମାର ପରିଡା, ଅଭିମନ୍ୟୁ ପ୍ରଧାନ, ଯୁଧିଷ୍ଠିର ମାଝୀ, କାହ୍ନୁ ଚରଣ ମାଝି, ଗିରିଶ କୁମାର ପରିଡା, ମଳୟ ରଞ୍ଜନ ପାଇକରାୟ, ଶ୍ରୀନିବାସ ମାଝି, ପ୍ରଶାନ୍ତ କୁମାର ପାଇକରାୟଙ୍କ ସମେତ୧୭ଜଣଙ୍କ ନାଁରେ ୨୩/୨୨ରେ ହତ୍ୟା ମାମଲା ରୁଜୁ କରିଛି।

### ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହେଲେ ସରପଞ୍ଚ ପ୍ରାର୍ଥୀ

**କବିସୂର୍ଯ୍ୟନଗର,୨୪।୨(ଡି.ଏନ.ଏ.)**

କବିସୂର୍ଯ୍ୟନଗର ସୁନାରିଝୋଳା ପଞ୍ଚାୟତରେ ବାଲଟ ପେପରକୁ କେନ୍ଦ୍ରକରି ଗତ ୨୨ ତାରିଖରେ ବିଭ୍ରାଟ ଦେଖାଦେଇଥିଲା। ଗୁରୁବାର ସରପଞ୍ଚ ପ୍ରାର୍ଥୀ ଓ ଗ୍ରାମବାସୀ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ସାକ୍ଷାତ କରି ପୁନଃ ମତଦାନ ପାଇଁ ଅନୁରୋଧ କରିଥିଲେ। ପ୍ରିଜାଇଡିଂ ଅଫିସର ସରପଞ୍ଚ ପ୍ରାର୍ଥୀ ଲାଗି ଲଢୁଥିବା ଚାରିଜଣ ପ୍ରାର୍ଥୀଙ୍କ ମଧ୍ୟରୁ ଦୁଇଜଣଙ୍କ ନାମ ଓ ଚିହ୍ନ ଜାଣିଶୁଣି ବାଲଟରେ ଫୋଲଡିଂ କରି ଲୁଚାଇ ଦେଇଥିବା ଅଭିଯୋଗ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଡାକ୍ତରାଣୀଙ୍କୁ ବିବାହ କରି...

ବିବାହ ତାରିଖ ଘୁଞ୍ଚିଥିଲା। ୨୦୨୧ ମେ ୩୧ରେ ରମେଶ ତାଙ୍କୁ ଭୁବନେଶ୍ୱରର ଏକ ହୋଟେଲରେ ବିବାହ କରିଥିଲେ। ବିବାହ ସମୟରେ ରମେଶଙ୍କ ଭିଣୋଇ ଗଣେଶ୍ୱର, ଭଉଣୀ ରଶ୍ମିତା ଓ ଡ୍ରାଇଭର ପପୁ ମଧ୍ୟ ଥିଲେ। ଏହାପରେ ସେ ତାଙ୍କ ଡେବିଟ୍ କାର୍ଡ ନେଇ ୨୩ ଲକ୍ଷ ଟଙ୍କା ଉଠାଇ ନେଇଥିଲେ। ତେବେ ପରବର୍ତ୍ତୀ ସମୟରେ ଏମ୍‌ସରେ ଚାକିରି କରେଇଦେବାକୁ କହି ରମେଶ ତାଙ୍କର ଜଣେ କର୍ମଚାରୀଙ୍କଠାରୁ ୧୦ ଲକ୍ଷ ମଧ୍ୟ ଠକି ନେଇଥିଲେ।

ଅନ୍ୟପକ୍ଷରେ ରମେଶ ଖଣ୍ଡଗିରି ଅଞ୍ଚଳରେ ରହୁଥିବା ଆପାର୍ଟମେଣ୍ଟର ମାଲିକ ମଧ୍ୟ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ରମେଶ ଭୁଲ୍ ତଥ୍ୟ ଦେଇ ସେଠାରେ ରହିଥିଲେ ବୋଲି ସେ ପୋଲିସ ନିକଟରେ କହିଛନ୍ତି। ତେବେ ଠକେଇର ତାଲିକା ବଢୁଥିବାରୁ ଆଗକୁ ରମେଶଙ୍କ କାରନାମାର ଆହୁରି ଗୁମର ଖୋଲିବାକୁ ୩ ଦିନିଆ ରିମାଣ୍ଡରେ ଜେରା କରିବ। ଏଥିସହ ବିଭିନ୍ନ ଦିଗକୁ ନେଇ ତଦନ୍ତ କରି ଏକ ବଳିଷ୍ଠ ଚାର୍ଜଶିଟ୍ ପ୍ରସ୍ତୁତ କରିବାକୁ କମିଶନରେଟ ପୋଲିସ ଆଶା ରଖିଛି।

ଏନେଇ ଡିସିପି ଉମାଶଙ୍କର ଦାଶ କହିଛନ୍ତି, ରମେଶଙ୍କ ମାମଲାର ତଦନ୍ତ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ୨ଟି ମହିଳା ଟିମ୍ ଗଠନ ହେବ। ସେଥିରେ ମହିଳା ପୋଲିସଙ୍କ ସମେତ ଚାଟାର୍ଡ ଆକାଉଣ୍ଟାଣ୍ଟ, କାଉନ୍‌ସେଲର, ଆଇନ୍ ପରାମର୍ଶଦାତା ରହିବେ। ୨ ମାସରୁ ଉର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଟିମ୍ ତଦନ୍ତ କରି ଏହି ମାମଲାରେ ଅଧିକ ତଥ୍ୟ ହାସଲ କରିବ।

ସୂଚନାଯୋଗ୍ୟ, ଅଭିଯୁକ୍ତ ରମେଶ ବିଭିନ୍ନ ମାଟ୍ରିମୋନିଆଲ ଓ ସୋସିଆଲ୍ ସାଇଟ୍‌ରୁ ଉଚ୍ଚଶିକ୍ଷିତା ମହିଳାଙ୍କୁ ଫସାଇ ବିବାହ କରୁଥିଲେ। ପରବର୍ତ୍ତୀ ସମୟରେ ଟଙ୍କା, ସୁନା ଓ ସମ୍ପତ୍ତି ଲୁଟୁଥିଲେ। ତାଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇଥିବା ଦିଲ୍ଲୀର ଜଣେ ମହିଳା ଗତବର୍ଷ ଜୁଲାଇରେ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିଥିଲେ। ତଦନ୍ତରୁ ରମେଶଙ୍କ କଳାକାରନାମା ପଦାକୁ ଆସିଥିଲା। ଏଥିସହ ଚାକିରି ଓ ଡାକ୍ତରୀ ପାଠରେ ନାମଲେଖା ପାଇଁ ବହୁ ଲକ୍ଷ ଟଙ୍କା ଠକେଇ କରିଥିବା ମଧ୍ୟ ଅଭିଯୋଗ ହୋଇଥିଲା।

### ପଞ୍ଚାୟତ ନିର୍ବାଚନ ...

ଅନୁରୂପ ଭାବେ ୨୭ରେ ଦ୍ୱିତୀୟ ଜୋନ୍, ୨୮ରେ ତୃତୀୟ ଏବଂ ଚତୁର୍ଥ ଜୋନ୍‌ରେ ଭୋଟ ଗଣତି ହେବ। ଗଣତି କେନ୍ଦ୍ରରେ କୌଣସି ପ୍ରକାରର ବିଶୃଙ୍ଖଳାକୁ ସହ୍ୟ କରାଯିବ ନାହିଁ ବୋଲି ନିର୍ବାଚନ କମିଶନର କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି।

ରାଜ୍ୟରେ ଫେବୃୟାରୀ ୧୬ରୁ ୫ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଛି। ମୋଟ ୬ ହଜାର ୭୯୪ ପଞ୍ଚାୟତରେ ଥିବା ୯୧ ହଜାର ୯୧୩ ୱାର୍ଡରେ ମତଦାନ ପାଇଁ ବ୍ୟବସ୍ଥା ହୋଇଥିଲା। ଏଥିଲାଗି ୯୧ ହଜାର ୯୧୩ ବୁଥ୍‌ରେ ପ୍ରସ୍ତୁତ କରାଯାଇଥିଲା। ସେଥିରୁ ୧୩ ହଜାର ୭୮୫ ମତଦାନ କେନ୍ଦ୍ରକୁ ରାଜ୍ୟ ନିର୍ବାଚନ କମିଶନର ଉତ୍ତେଜନାପ୍ରବଣ ଘୋଷଣା କରିଥିଲେ। ଚଳିତ ନିର୍ବାଚନରେ ମତଦାନ ହାର ଉତ୍ସାହଜନକ ରହିଛି। ପ୍ରଥମ ପର୍ଯ୍ୟାୟରେ ୭୭.୨%, ଦ୍ୱିତୀୟ ପର୍ଯ୍ୟାୟରେ ୭୮.୩%, ତୃତୀୟ ପର୍ଯ୍ୟାୟରେ ୭୮.୬%, ଚତୁର୍ଥ ପର୍ଯ୍ୟାୟରେ ୭୯% ମତଦାନ ରେକର୍ଡ କରାଯାଇଛି। ପ୍ରଥମ ଦୁଇଟି ପର୍ଯ୍ୟାୟରେ ହିଂସା ଓ ଅନ୍ୟାନ୍ୟ କାରଣରୁ ବାଧାପ୍ରାପ୍ତ ହୋଇଥିବା ବୁଥରେ ସାନି ମତଦାନ ଫେବୃୟାରୀ ୨୩ରେ ଶେଷ ହୋଇଛି। ଅନୁରୂପ ଭାବେ ୩ୟ ପର୍ଯ୍ୟାୟରେ ୩୦ ବୁଥ୍‌ରେ ସାନି ମତଦାନ ଲାଗି ଜିଲାପାଳମାନେ ପ୍ରସ୍ତାବ ଦେଇଛନ୍ତି। ଆସନ୍ତା ୨୫ ତାରିଖ (ଶୁକ୍ରବାର)ରେ ଉକ୍ତ ୩୦ ବୁଥ୍‌ରେ ସାନି ମତଦାନ ହେବ ବୋଲି ଜଣାପଡ଼ିଛି। ଚତୁର୍ଥ ଓ ପଞ୍ଚମ ପର୍ଯ୍ୟାୟରେ ବାତିଲ ହୋଇଥିବା ବୁଥ୍‌ରେ ସାନି ମତଦାନ ଲାଗି ତାରିଖ ଘୋଷଣା ବାକି ରହିଛି।

### ବିରିୟାନୀ ପାଇଁ ଆତ୍ମହତ୍ୟା ...

ମୃତଦେହକୁ ଘରକୁ ଅଣାଯାଇଥିଲା। ଖବରପାଇ ଗୁରୁବାର ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତାଙ୍କ ଘରକୁ ଯାଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପରେ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ବାପା ମନୋରଞ୍ଜନ ଏକ କମ୍ପାନୀରେ ସିକ୍ୟୁରିଟି ଗାର୍ଡ଼ ଭାବେ କାର୍ଯ୍ୟ କରନ୍ତି।

### ପଞ୍ଚମ ପର୍ଯ୍ୟାୟରେ ...

ୱାର୍ଡ ମେମ୍ବର, ୧୨୬ ସରପଞ୍ଚ, ୩୨୬ ପଞ୍ଚାୟତ ସମିତି ସଦସ୍ୟ ଏବଂ ଜଣେ ଜିଲା ପରିଷଦ ସଭ୍ୟ ବିନା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହୋଇଛନ୍ତି। ତେବେ ଅନ୍ୟ ପଦବୀଗୁଡ଼ିକ ପାଇଁ ପ୍ରାୟ ୨ ଲକ୍ଷ ୨୦ ହଜାର ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଚଳିତ ନିର୍ବାଚନରେ ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହ ମତଦାନ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ନିର୍ବାଚନ କମିଶନର କହିଛନ୍ତି।

